## ସଂକ୍ଷେପରେ

### ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ



ମାଲକାନଗିରି,୨୨।୯ (ଡି.ଏନ୍.ଏ.)- ମାଲକାନଗିରି ଜିଲା କୋରୁକୋଣ୍ଡା ସଦର ବ୍ଲକ ସଭାଗୃହରେ ଏକ ଦିବସୀୟ ଶିଶୁ ସୁରକ୍ଷା କମିଟି ପକ୍ଷରୁ ଦକ୍ଷତା ବୃଦ୍ଧି କର୍ମଶାଳା ତଥା ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରୁକୋଣ୍ଡା ବ୍ଲକ ଅଧକ୍ଷ ଜିତୁ ବୁରୁଦି ସଭାପତିତ୍ୱ କରିଲେ। ଶିଶୁ ଉନ୍ନୟନ ସୁରକ୍ଷା ଅଧିକାରୀ ନିଲିମାରାଣୀ ମଣ୍ଡଳ ବୈଠକ ପରିଚାଳନା କରିଥିଲେ। କୋରୁକୋଣ୍ଡା ବିଡିଓ ଅଂଶୁମାନ ମହାପାତ୍ର ଶିଶୁ ସୁରକ୍ଷା ଉପରେ ଆଲୋକପାତ କରଥିଲେ। ୟୁନିସେଫ୍ ପରାମର୍ଶଦାତା ପ୍ରସନ୍ନ ମିଶ୍ର ଯୋଗ ଦେଇ ବାଲ୍ୟବିବାହ, ଶିକ୍ଷା, ଶିଶୁ ଶ୍ରମିକ ଉପରେ ଆଲୋଚନା କରିଥିଲେ। ସୁରକ୍ଷା ଅଧିକାରୀ ଇନ୍ଦିରା ପ୍ରଧାନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

### ବିଡିଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଜୟପୁର,୨୨।୯ (ନି.ପ୍ର.)- ଜୟପୁର ବ୍ଲକ ସଭାଗୃହରେ ବିଡିଓ ସୁରଜ ପଟ୍ଟନାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ତାଙ୍କର ମାଲକାନଗିରି-ଜୟପୁର-ନବରଙ୍ଗପୁର ରେଳ ପ୍ରକଳ୍ପର ଭୂ-ଅର୍ଜନ ଅଧିକାରୀ ଭାବେ ବଦଳି ହୋଇଛି। ଜୟପୁର ବିଡିଓ ଭାବେ ରାଜୀବ ଦାସ ଯୋଗ ଦେଇଛନ୍ତି। ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଡିଓ ଦାସ, ଏବିଡିଓ ମନୋଜ ନାୟକ, ଏଇ ବିଶ୍ୱନାଥ ପାତ୍ର, ଜିପିଓ ସଞ୍ଜୀବ ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

କୋରାପୁଟ,୨୨।୯(ସ୍ୱ.ପ୍ର.)- କୋରାପୁଟ ସର୍କିଟ ହାଉସଠାରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତିଙ୍କୁ ଜିଲା ଯୁବ କଂଗ୍ରେସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜିଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ପୂର୍ବତନ ପୌରାଧକ୍ଷ ଭଗବାନ ବାହିନୀପତି, କୃଷ୍ଣ କୁଲଦୀପ, ଏମ୍‌ପି ପ୍ରତିନିଧି ବାବୁଲା ବେନିଆ, ବ୍ଲକ କଂଗ୍ରେସ କମିଟି ସଭାପତି ରମେଶ ବାଖ୍ୟା, ନଗର ସଭାପତି ଜୟନ୍ତ କଟିମ. ନବରଙ୍ଗପୁର ଜିଲା ଯୁବ କଂଗ୍ରେସ ସଭାପତି ଦ୍ୱାରିକା ମହାପାତ୍ର, କଳାହାଣ୍ଡି ଜିଲା ଯୁବ କଂଗ୍ରେସ ସଭାପତି ଏମ ମଙ୍ଗରାଜ, ଜଗତସିଂହପୁରର ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଆଇଏଫ୍‌ଡବ୍ଲ୍ୟୁଜେ ସମ୍ମିଳନୀ ମାଲକାନଗିରି ଜିଲାରୁ ଯୋଗ ଦେବେ ୧୨ପ୍ରତିନିଧି

ମାଲକାନଗିରି,୨୨।୯ (ଡି.ଏନ୍.ଏ.)- ହାଇଦ୍ରାବାଦଠାରେ ଆସନ୍ତା ୨୩ ଓ ୨୪ ଦୁଇଦିନ ଧରି ଭାରତୀୟ ପେସାଦାର ପତ୍ରକାର ମହାସଂଘ (ଆଇଏଫ୍‌ଡବ୍ଲ୍ୟୁଜେ)ର ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏହି ସମ୍ମିଳନୀରେ ଓଡିଶାରୁ ଉତ୍କଳ ସାମ୍ବାଦିକ ସଂଘର ୭୦ ଜଣ ପ୍ରତିନିଧି ଯୋଗ ଦେବେ। ମାଲକାନଗିରି ଜିଲାରୁ ୧୨ ଜଣିଆ ପ୍ରତିନିଧି ଦଳ ଏହି ସମ୍ମିଳନୀରେ ଯୋଗ ଦେବା ପାଇଁ ହାଇଦ୍ରାବାଦ ଗସ୍ତ କରିଛନ୍ତି। ସମ୍ମିଳନୀରେ ମାଜିଥିଆ ବେତନ ଆୟୋଗଙ୍କ ସୁପାରିସ କାର୍ଯ୍ୟକାରୀ କରିବା, ଜାତୀୟ ସ୍ତରରେ ଖବରଦାତାଙ୍କ ସୁରକ୍ଷା ଆଇନ ପ୍ରଣୟନ, ବୈଦ୍ୟୁତିକ ଗଣମାଧମର କାର୍ଯ୍ୟରତ ଖବରଦାତାଙ୍କୁ ତାଲିକାଭୁକ୍ତ କରିବା ଆଦି ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

### ବିକ୍ରମଦେବ ବର୍ମାଙ୍କ ଭବ୍ୟ ପ୍ରତିମୂର୍ତ୍ତି ନିର୍ମାଣ କରାଯାଉ

ଜୟପୁର ୨୨।୯ (ନି.ପ୍ର.)- ବିକ୍ରମଦେବ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ବିଶିଷ୍ଟ ସାହିତ୍ୟାନୁରାଗୀ ଓ କବି ଜୟପୁରର ମହାରାଜା ବିକ୍ରମଦେବ ବର୍ମାଙ୍କ ଯେଉଁ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି ତାହା ଜୟପୁରର ଗର୍ବ ଗୌରବ ଓ ଐତିହ୍ୟକୁ କ୍ଷୁଣ୍ଣ କରୁଛି। ତାଙ୍କ ଭବ୍ୟ ସଦୃଶ ପ୍ରତିମୂର୍ତ୍ତି ନିର୍ମାଣ କରିବାକୁ କଲେଜ ଅଧକ୍ଷଙ୍କୁ ଜୟପୁରର ସାମାଜିକ ବ୍ୟକ୍ତିତ୍ୱ ଓ ଗଣ ସଙ୍ଗଠନ ସମୂହ ପକ୍ଷରୁ ଦାବି କରାଯାଇ ଦାବିପତ୍ର ପ୍ରଦାନ କରାଯାଇଛି। ମହାରାଜାଙ୍କ ଏକ ଅବକ୍ଷ ପ୍ରତିମୂର୍ତ୍ତି ମହାବିଦ୍ୟାଳୟର ପ୍ରଶାସନିକ ଭବନ ସମ୍ମୁଖରେ ରହିଛି। ଏହାକୁ ବଦଳାଯାଇ ମହାରାଜାଙ୍କର ଏକ ଉଚ୍ଚ ସଦୃଶ ଭବ୍ୟ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ସଙ୍ଗଠନର ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ରାମକୃଷ୍ଣ ଦାସ, ସତ୍ୟବ୍ରତ ନନ୍ଦ ପ୍ରମୁଖ ଦାବି କରିଛନ୍ତି।

# ୧୬ ଦଫା ଦାବି ନେଇ ସିପିଆଇ(ଏମ୍) ପକ୍ଷରୁ ବିକ୍ଷୋଭ

ମାଲକାନଗିରି, ୨୨।୯ (ଡି.ଏନ୍.ଏ./ସ୍ୱ.ପ୍ର.)



ସିପିଆଇ(ଏମ୍) କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସି.ପି.ଆଇ.(ଏମ) ପକ୍ଷରୁ ୧୬ ଦଫା ଦାବି ନେଇ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସି.ପି.ଆଇ(ଏମ) ମାଲକାନଗିରି ଜିଲା ସମ୍ପାଦକ ବ୍ରଜ ମାଝିଙ୍କ ନେତୃତ୍ୱରେ ସମ୍ପାଦକ ମଣ୍ଡଳୀ ସଭ୍ୟ ଭୂପେଶ କର୍ମକାର, କୋରୁକୋଣ୍ଡା ବ୍ଲକ ସମ୍ପାଦକ ମଣ୍ଡଳୀ ସଭ୍ୟ ନିଧି ହନ୍ତାଳ, ଆବାହକ କୃଷ୍ଣ ପାଙ୍ଗି, ଇନ୍ଦ୍ର ମୋହନ ମାଡ଼କାମି, ଲକ୍ଷ୍ମିନାଥ ମାଡ଼କାମି, ମଙ୍ଗୁ ମାଟାମଙ୍କ ସମେତ ଶତାଧିକ କର୍ମୀ କୋରୁକୋଣ୍ଡା ବସଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରାରେ ବାହାରି କୋରୁକୋଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଆୟୋଜିତ ପ୍ରତିବାଦ ସଭାରେ ବକ୍ତାମାନେ ବାସହୀନଙ୍କୁ ୧୦ ଡେସିମିଲ ଘର ଡ଼ିହ ପଟ୍ଟା ପ୍ରଦାନ,ଏମଏନଆରଇଜିଏସ୍ କାର୍ଯ୍ୟ ବର୍ଷକୁ ୨ ଶହ ଦିନ କରିବା, ବିଧବା ବାର୍ଦ୍ଧକ୍ୟ ଭତା ମାସିକ ୩ ହଜାର ଟଙ୍କା ପ୍ରଦାନ, ଧାନର କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୩ ହଜାର ଟଙ୍କା କରିବା, ସମସ୍ତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି , ଚାଷୀଙ୍କୁ ଆବଶ୍ୟକ ପରିମାଣର ସାର ସୁଲଭ ମୂଲ୍ୟରେ ଯୋଗାଇବା ସହ ଅନ୍ୟାନ ଦାବି ରହିଛି। ସଭା ପରେ ବିଡିଓ ଅଂଶୁମାନ ମହାପାତ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଟାଙ୍ଗିଆରେ ହାଣି ସ୍ତ୍ରୀଙ୍କୁ ହତ୍ୟା କଲେ ସ୍ୱାମୀ

ବୈପାରିଗୁଡ଼ା,୨୨।୯ (ଡି.ଏନ୍.ଏ.)

କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅନ୍ତର୍ଗତ ଡେଙ୍ଗା କୁସୁମଗୁଡ଼ା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ମୃତ ମହିଳା ହେଲେ ସୁବର୍ଣ୍ଣା ପରଜା। ନିଶାସକ୍ତ ଅବସ୍ଥାରେ ଥିବା ସୁବର୍ଣ୍ଣାଙ୍କ ସ୍ୱାମୀ ନରସିଂ ବଡ଼ନାୟକ ହଠାତ୍ ସ୍ତ୍ରୀଙ୍କ ମୁଣ୍ଡକୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଗୁରୁବାର ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅଭିଯୁକ୍ତ ନରସିଂଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ନରସିଂଙ୍କ ନିଜ ପୈତୃକ ଘର ମାଝିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ କତ୍ରାଗୁଡ଼ା ଗ୍ରାମରେ । ସେ ୧୨ ବର୍ଷ ତଳେ ସୁବର୍ଣ୍ଣାଙ୍କୁ ବିବାହ କରି ଶ୍ୱଶୁର ଘର ଡେଙ୍ଗାକୁସୁମଗୁଡ଼ାରେ ରହି ଆସୁଥିଲେ।

# ଟାଉନ ଥାନା ଅଧିକାରୀଙ୍କୁ ସ୍ମାରକପତ୍ର



ସିପିଆଇ(ଏମ୍) କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ଜୟପୁର,୨୨।୯ (ନି.ପ୍ର.)

ଜୟପୁର ଟାଉନ ଥାନା ଅଧିକାରୀ ସମିତ ବେହେରାଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାହାଯ୍ୟ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି, ଜୟପୁର ସହରର ମୁଖ୍ୟ ଛକରେ ସିସିଟିଭି ଲଗାଯାଇଥିଲା । ଯାହା ଅଚଳ ଅବସ୍ଥାରେ ପଡି ରହିଛି । ଏହାଦ୍ୱାରା ଗାଡି ଚୋରି ଏବଂ ଲୁଟ ପରି ଘଟଣା ଘଟୁଛି । ସିସିଟିଭି ପୁଣି ଚାଲୁ କରିବାକୁ ଦାବି କରାଯାଇଛି । ରାତ୍ର ସମୟର ନୂଆ ବସଷ୍ଟାଣ୍ଡ, ସରକାରୀ ବସଷ୍ଟାଣ୍ଡ, ହାନ୍ନାଗୁଡା ପଡିଆ, ପୁରୁଣାଗଡ ଅଙ୍ଗନୱାଡି କେନ୍ଦ୍ର ପରିସରରେ ଜୁଆ ଖେଳ ହେଉଛି। ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବାକୁ ଏଥିରେ ଉଲ୍ଲେଖ ରହିଛି। ସ୍ମାରକପତ୍ର ପ୍ରଦାନ ସମୟରେ କାର୍ତ୍ତିକ ରାଉତ, ପବିତ୍ର ମୋହନ ପାତ୍ର, ରାମ ପ୍ରସାଦ ପାଣିଗ୍ରାହୀ, ସୁଶାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷେ ପରେ ଠାବ ହେଲା ଚୋରି ଗାଡି

ସୁନାବେଡା/କୋରାପୁଟ,୨୨।୯(ସ୍ୱ.ପ୍ର.)

ସୁନାବେଡା ଅଞ୍ଚଳରୁ ଚୋରି ହୋଇଥିବା ଗାଡିକୁ ବର୍ଷେ ପରେ ସୁନାବେଡା ପୋଲିସ ଜବତ କରିଛି। ଏଥିସହିତ ୨ଜଣ ଅଭିଯୁକ୍ତଙ୍କ ସହ ଅନ୍ୟ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କାର ଚୋରିରେ ସମ୍ପୃକ୍ତ ଦାମନଯୋଡି ଅଞ୍ଚଳର ପିଣ୍ଟୁ ହନ୍ତାଳ, ଯୋଶେପ କୁଳଦୀପ ଏବଂ

**ବନ୍ଧାହେଲେ ୪**

ଚୋରା ଗାଡି କିଣିଥିବା ବିପିନ ଛତ୍ରିଆ ଓ ଗାଡିର କାଗଜପତ୍ର ପରିବର୍ତ୍ତନ କରାଇଥିବା ଏକ ଜନସେବା କେନ୍ଦ୍ରର ମାଲିକ ସନ୍ତୋଷ ଖଣ୍ଡାଇ। ଖବରରୁ ଜଣାପଡିଛି, ୨୦୨୧ ସେପ୍ଟେମ୍ବର ୨୩ରେ ସେମିଳିଗୁଡା ବ୍ଲକ ପରଜା ମୁଠାଇ ପଞ୍ଚାୟତ ମାଙ୍ଗିଳିଗୁଡା ଗ୍ରାମର ଜଗୁ ହନ୍ତାଳ ନିଜ କାର୍ (ଓଡ଼ି୧୦– ୩୭୯୬)କୁ ସେମିଳିଗୁଡା କଲେଜ ନିକଟ ରାସ୍ତାରେ ରଖି କିଛି କାମ କରୁଥିବା ସମୟରେ ୫ଜଣ ଦୁର୍ବୃତ୍ତ ଦୁଇଟି ବାଇକ୍‌ରେ ଆସି ଜଗୁଙ୍କୁ ମାରଧର କରି ତାଙ୍କ ପାଖରେ ଥିବା ୨ହଜାର ଟଙ୍କା ଗୋଟିଏ ମୋବାଇଲ ଫୋନ ସହ କାର ନେଇ ପଳାଇଥିଲେ। ଏନେଇ ଜଗୁ ୨୫।୯/୨୦୨୧ରେ ସୁନାବେଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ କେସ ନଂ. ୧୫୫/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ତେବେ ଘଟଣାର ବର୍ଷେ ପରେ ମଙ୍ଗଳବାର ପୋଲିସ ଉକ୍ତ କାରକୁ ଦାମନଯୋଡି ଅଞ୍ଚଳରୁ ଠାବ କରିଛି। ଏନେଇ ଗୁରୁବାର ସୁନାବେଡା ଥାନାରେ ଏସଡିପିଓ ମନୋଜ ବେହେରା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ବ୍ୟକ୍ତିଙ୍କ ନିକଟରୁ ଏକ ମୋବାଇଲ ଫୋନ, ଏକ ବାଇକ୍ (ଓଡି୧୦ଡି– ୪୬୪୨) ଓ ଚୋରି ହୋଇଥବା କାର୍ ଜବତ ହୋଇଛି।



ଗିରଫ ୪ ଅଭିଯୁକ୍ତ ଓ ଜବତ କାର ।

# ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୨୨।୯ (ନି.ପ୍ର.)

ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଅବକାରୀ ବିଭାଗ,ଏପିଆର ଫୋର୍ସ, ସଦର ପୋଲିସ ମିଳିତ ଚଢାଉ କରି ୩ ହଜାର ଲିଟର ପୋଚ, ୧୫୦ ଲିଟର ଦେଶୀ ମଦ ଜବତ କରିଛି। ଏହାକୁ ମଦ ବ୍ୟବସାୟୀମାନେ ଲୁଚାଇ ରଖିବା ବିଭାଗ ନିକଟରେ ଖବର ପହଞ୍ଚିଥିଲା। ଏହାକୁ ଭିତ୍ତି କରି ଏହି ଚଢାଉ କରାଯାଇଥିଲା। ଏହି ସମୟରେ କର୍ମଚାରୀମାନେ ମଦ ରନ୍ଧା ସରଞ୍ଜାମ ଜବତ କରିଛନ୍ତି।

# ସ୍ୱାଭିମାନ ଅଞ୍ଚଳର ୧୦ ପଞ୍ଚାୟତକୁ ନେଇ ସମୀକ୍ଷା ବୈଠକ

ମାଲକାନଗିରି, ୨୨।୯(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକରସ୍ୱାଭିମାନ ଅଞ୍ଚଳର ୧୦ଟି ପଞ୍ଚାୟତକୁ ନେଇ ଗୁରୁବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପୃକ୍ତ ପଞ୍ଚାୟତଗୁଡିକର ସରପଞ୍ଚ, ସମିତିସଭ୍ୟ, ବ୍ଲକ ସଭାପତି, ବ୍ଲକ ଅଧକ୍ଷା ଏବଂ ବିଜେଡି କର୍ମୀ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନେଇ ଆଲୋଚନା କରାଯାଇଥିଲା । ଏଥିସହ ଦଳର ସାଙ୍ଗଠନିକ ଆଲୋଚନା ହୋଇଥିଲା। ରାଲେଗଡା ସରପଞ୍ଚ କମଲୁ ହନ୍ତାଳଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବୈଠକରେ ଜୋନ ସଭାପତି ପ୍ରସାଦ ଅନୁପାଲ, ଉପସଭାପତି ରାମଚନ୍ଦ୍ର ଗଲେଲ, ବରିଷ୍ଠ କର୍ମୀ ପୀତାମ୍ବର ଖେମୁଡୁ, କମଲୁ ହନ୍ତାଳ , ଉପସଭାପତି ପିଙ୍କି ହନ୍ତାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# କୋଟିଆରେ ଜଳବିଦ୍ୟୁତ୍ ପ୍ରକଳ୍ପକୁ ବିଜେଡି, କଂଗ୍ରେସର ସ୍ୱାଗତ

କୋରାପୁଟ,୨୨।୯(ସ୍ୱ.ପ୍ର.)

କେନ୍ଦ୍ର ସରକାରଙ୍କ ସହାୟତାରେ କୋଟିଆରେ ହେବ ଜଳବିଦ୍ୟୁତ ପ୍ରକଳ୍ପ। ଏହାକୁ ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଓ ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ସ୍ୱାଗତ କରିଛନ୍ତି। ଏହାଦ୍ୱାରା ଜିଲାର ବହୁ ଶିକ୍ଷିତ ବେକାର ଯୁବତୀଯୁବକ ନିଯୁକ୍ତି ପାଇପାରିବେ। ପ୍ରାକୃତିକ ପର୍ଯ୍ୟଟନର ମଧ୍ୟ ବିକାଶ ହୋଇପାରିବ ବୋଲି ଉଭୟ ଦଳର ନେତାମାନେ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ସହିତ ଆଲୋଚନା ପରେ ଓଏଚ୍‌ପିସି, ଆଦାନୀ ଓ ଟାଟା ଗ୍ରୁପ୍‌ର ଅଧିକାରୀ ଦୁଇ ଦିନ ତଳେ କୋଟିଆରେ ହେବାକୁ ଥିବା ଜଳ ବିଦ୍ୟୁତ୍ ପ୍ରକଳ୍ପ ନିମନ୍ତେ ନେରେଡିବାଲସା ଓ ତାଡିବାଲସା ଗ୍ରାମ ପରିଦର୍ଶନ କରିଥିଲେ। ନେରେଡିବାଲସା ନିକଟରେ ଯାଇଥିବା ପ୍ରାକୃତିକ ନଦୀକୁ ଅଟକାଇ ଏଥିରେ ପ୍ରାୟ ୧୨ଶହ ମେଗାୱାଟ ବିଶିଷ୍ଟ ଜଳ ବିଦ୍ୟୁତ୍ ପ୍ରକଳ୍ପ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ପ୍ରକଳ୍ପ ନେଇ ସ୍ଥାନୀୟ ବାସିନ୍ଦା ଯେପରି ଅସୁବିଧାରେ ନ ପଡନ୍ତି ସେଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବାକୁ କଂଗ୍ରେସ ଜିଲା ସଭାପତି ମିନାକ୍ଷୀ ବାହିନୀପତି ଦାବି କରିଛନ୍ତି। ଯଦି ସ୍ଥାନୀୟ ବାସିନ୍ଦାମାନେ ଅସୁବିଧାରେ ପଡିବେ ତେବେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲିସେ କହିଛନ୍ତି।

# ବିଶ୍ୱହିନ୍ଦୁ ପରିଷଦର ସାଙ୍ଗଠନିକ ବୈଠକ

ଜୟପୁର,୨୨।୯ (ନି.ପ୍ର.)

ବିଶ୍ୱହିନ୍ଦୁ ପରିଷଦର କେନ୍ଦ୍ରୀୟ ସଙ୍ଗଠନ ମହାମନ୍ତ୍ରୀ ବିନାୟକ ଦେଶପାଣ୍ଡେ ଜୟପୁର ଗସ୍ତ କରିଥିଲେ। ଅଗ୍ରସେନ ଭବନଠାରେ ଅଜିତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାଙ୍ଗଠନିକ ବିଭାଗ ବୈଠକରେ ପଶ୍ଚିମ ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ସତ୍ୟ ନାରାୟଣ ଥନପତି, ପଶ୍ଚିମ ପ୍ରାନ୍ତ ସମ୍ପାଦକ ଭକ୍ତ ଚରଣ ସାହୁ ଉପସ୍ଥିତ ଥିଲେ। କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲାର ଜିଲା ପଦାଧିକାରୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସଙ୍ଗଠନ କିପରି ଭଲଭାବେ ସଙ୍ଗଠିତ ହେବ ସେନେଇ ଦେଶପାଣ୍ଡେ ଗୁରୁତ୍ୱାରୋପ କରିଥିଲେ। ପରେ ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ବୈଠକ ହୋଇଥିଲା ବିଶ୍ୱହିନ୍ଦୁ ପରିଷଦ ହିନ୍ଦୁମାନଙ୍କ ପାଇଁ କିପରି ବିଶ୍ୱରେ କାମ କରୁଛି, ଦୁର୍ଗାବହିନୀ ସଙ୍ଗଠନ ଜରିଆରେ ଦେଶ ବିଦେଶରେ ହିନ୍ଦୁ ଯୁବତୀଙ୍କୁ ସଶକ୍ତ କରୁଛି, ମାତୃଶକ୍ତି କିପରି ଜାଗୃତ କରୁଛି, ଗୋବଂଶ ରକ୍ଷା ଓ ସେବା ଅସହାୟ ଯୁବତୀଯୁବକଙ୍କ ଶିକ୍ଷା ବ୍ୟବସ୍ଥା ଉପରେ ଦେଶପାଣ୍ଡେ ବୁଦ୍ଧିଜୀବୀଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟପୁର ସାଙ୍ଗଠନିକ ଜିଲା ସଭାପତି ବାବୁ ଭାଇ ବଜରଙ୍ଗୀ, ଜିଲା କାର୍ଯ୍ୟକାରୀ ସଭାପତି ତେଜେଶ୍ୱର ପଣ୍ଡା, ଜିଲା ଉପସଭାପତି ନବକୃଷ୍ଣ ରଥ,ଜିଲା ସମ୍ପାଦକ କମଳାକାନ୍ତ ବିଶ୍ୱାଳ, ସେବା ପ୍ରମୁଖ ଅକ୍ଷୟସାହୁ, ଗୋସେବା ପ୍ରମୁଖ ରଜନିକାନ୍ତ ନାୟକ, କୋଷାଧକ୍ଷ ଗଙ୍ଗାଧର ନାୟକ, ନିରଞ୍ଜନ ପାଣିଗ୍ରାହୀ,ପ୍ରଚାର ପ୍ରସାର ପ୍ରମୁଖ ସାଧୁ ଚରଣ ଦାଶ ଚୌଧୁରୀ, ଜୟପୁର ପ୍ରଖଣ୍ଡ ସମ୍ପାଦକ ବରୁଣ ଜୈନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି ନେଇ ଆନ୍ଧ୍ର ପକ୍ଷରୁ ଗ୍ରାମବାସୀଙ୍କୁ ତାଲିମ

ପଟ୍ଟାଙ୍ଗୀ,୨୨।୯(ଡି.ଏନ.ଏ.)

ସୀମାନ୍ତ ଗ୍ରାମକୁ ହାତଛଡା କରିବାକୁ କୌଣସି ପ୍ରକାରେ ଚାହୁଁନାହିଁ ଆନ୍ଧ୍ର। ଏପରି କି ସୀମାନ୍ତ ଅଞ୍ଚଳରେ ଆମଦାନୀ ହେଉଥିବା ଜଙ୍ଗଲଜାତ ଦ୍ରବ୍ୟ କିପରି ସୁଲଭ ମୂଲ୍ୟରେ ବିକ୍ରି ହେବ ସେନେଇ ଗ୍ରାମବାସୀଙ୍କୁ ବିଭିନ୍ନ ମୂଲ୍ୟ ଧାର୍ଯ୍ୟ କରି ତାଲିମ ଦେଉଛି ଏହି ରାଜ୍ୟ। ଏପରି କିଛି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ତଥା ପଡୋଶୀ ଆନ୍ଧ୍ର ସୀମାକୁ ଲାଗି ରହିଥିବା କୋଟିଆ ପଞ୍ଚାୟତର ସୀମାବର୍ତ୍ତୀ ଗ୍ରାମଗୁଡିକରେ। ଆନ୍ଧ୍ର ରାଜ୍ୟ ସରକାର ପକ୍ଷରୁ ନୂତନ ଜିଲା ମାନ୍ୟମ ପାର୍ବତୀପୁରମ ଗଠନ ହେବା ପରେ ଏହାର ଜିଲା ପ୍ରଶାସନ ସୀମାନ୍ତ ଗ୍ରାମ ଗୁଡ଼ିକ ଉପରେ ନଜର ରଖିଛି। ସୀମାନ୍ତ ଗ୍ରାମବାସୀଙ୍କ ଉନ୍ନତି ପରାଇଁ ବାରମ୍ବାର ବୈଠକ କରି ଗ୍ରାମବାସୀଙ୍କୁ ସଚେତନ କରୁଛି । ଗୁରୁବାର ମାନ୍ୟମ ଜିଲା ପ୍ରଶାସନର ଜିସିସି ଏମଡି ଏବଂ ପିଓ ଆଇଟିଡିଏଙ୍କ ନିର୍ଦ୍ଦେଶରେ ହରମାଣ୍ଡାଙ୍ଗି, ଉପର ସେମ୍ଳି ତଳସେମ୍ଳି, ଫଗୁଣସିନେରି ଓ ଫାଟୁସିନେରି ଗ୍ରାମରେ ବୈଠକ କରି ଗ୍ରାମବାସୀଙ୍କ ଦ୍ୱାରା ଆମଦାନୀ ହେଉଥିବା ତେନ୍ତୁଳି, ବାଉଁଶ, ଝାଡୁ, କରଞ୍ଜ ଆଦି ଜଙ୍ଗଲଜାତ ଦ୍ରବ୍ୟର ମୂଲ୍ୟ ଧାର୍ଯ୍ୟ କରି ସେମାନେ ଏହାକୁ କିପରି ନିକଟସ୍ଥ ଆନ୍ଧ୍ର ବଜାରରେ ବିକ୍ରି କରିବେ ସେ ନେଇ ବୁଝାଇଥିଲେ । ସେହିପରି ଉପରୋକ୍ତ ଗ୍ରାମଗୁଡିକର ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେନେଇ ଆନ୍ଧ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ଋଣ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ସମୟରେ ପିସିସି ରମେଶ କୁମାରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଆନ୍ଧ୍ର ଅଧିକାରୀମାନେ ଗ୍ରାମବାସୀଙ୍କୁ ସଚେତନ କରୁଛନ୍ତି ।

# ୨ ମାସର ଚାଉଳ ପାଇନାହାନ୍ତି ହିତାଧିକାରୀ

ବୈପାରିଗୁଡ଼ା,୨୨।୯ (ଡି.ଏନ୍.ଏ.)

କୋରାପୁଟ ଜିଲା ବୈପାରିଗୁଡା ବ୍ଲକ ସଦର ପଞ୍ଚାୟତ ପକ୍ଷରୁ ଚାଲିଥିବା ସୁଲଭ ଦୋକାନରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ବିକ୍ରି ହେଉଥିବା ଅତ୍ୟାବଶ୍ୟକ ସାମଗ୍ରୀ ଲୋକଙ୍କ ପାଖରେ ଠିକ୍ ସମୟରେ ପହଞ୍ଚି ପାରୁ ନ ଥିବା ଅଭିଯୋଗ ହୋଇଛି । ଗତ ଅଗଷ୍ଟ ଓ ଚଳିତ ସେପ୍ଟେମ୍ବର ମାସର ପିଡିଏସ୍ ଚାଉଳ ଏପର୍ଯ୍ୟନ୍ତ ବଣ୍ଟା ହୋଇନାହିଁ। ଫଳରେ ହିତାଧିକାରୀଙ୍କୁ ଖୋଲା ବଜାରରେ ଅଧିକ ଦରରେ ଚାଉଳ କିଣିବାକୁ ପଡୁଛି। ୨ ମାସର ଚାଉଳ ଏକା ସଙ୍ଗରେ ଦେବା ଦ୍ୱାରା ଏତେ ପରିମାଣର ଚାଉଳ ସେମାନେ ଘର ପର୍ଯ୍ୟନ୍ତ ବୋହିନେବା ମଧ୍ୟ କଷ୍ଟକର ହୋଇପଡୁଛି। ସରକାରୀ ନିୟମ ଅନୁସାରେ ସୁଲଭ ଦୋକାନ ଦିନ ୮ଟାରୁ ୧୨ଟା ଓ ଅପରାହ୍ନ ୪ଟାରୁ ୮ ଟା ପର୍ଯ୍ୟନ୍ତ ଖୋଲା ରଖିବା କଥା। ମାତ୍ର ଏଠାରେ ମାସର କିଛି ଅନିର୍ଦ୍ଦିଷ୍ଟ ଦିନମାନଙ୍କରେ କେବଳ ଗୋଟିଏ ଓଳା ଚାଉଳ ପ୍ରଦାନ କରାଯାଉଛି । ଏଥିଯୋଗୁ

**ସାଧାରଣ ବଣ୍ଟନରେ ଅବ୍ୟବସ୍ଥା**

ଦୋକାନରେ ପ୍ରବଳ ଭିଡ ହେଉଛି । କିରୋସିନ୍ ଆଦୌ ମିଳୁନ ଥିବା ମଧ୍ୟ ଲୋକେ ଅଭିଯୋଗ କରିଛନ୍ତି। ଏ ସଂପର୍କରେ ସ୍ଥାନୀୟ ଯୋଗାଣ ନିରୀକ୍ଷକ ହରିଶ୍ଚନ୍ଦ୍ର ମଲିକଙ୍କୁ ପଚାରିବାରୁ ସେ କହିଲେ, ଗତ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ପ୍ରତି ହିତାଧିକାରୀଙ୍କୁ ୩ କିଲୋ ଚାଉଳ ସହ ୨ କିଲୋ ମାଣ୍ଡିଆ ଦେବା ବ୍ୟବସ୍ଥା କରାଯାଇଛି । ଟିଡିସିସିଠାରୁ ଯୋଗାଣ ବିଭାଗ ମାଣ୍ଡିଆ କିଣିଥିଲା । ତେବେ ମାଣ୍ଡିଆ ଦରକୁ ନେଇ ଉଭୟ ବିଭାଗ ମଧ୍ୟରେ ସହମତିରେ ବିଳମ୍ବ ହେବାରୁ ମାଣ୍ଡିଆ ବିଳମ୍ବରେ ପହଞ୍ଚିଥିଲା। ତେବେ ବ୍ଲକରେ ଅନ୍ୟ ସମସ୍ତ ସୁଲଭ ଦୋକାନରେ ସାଧାରଣ ବଣ୍ଟନ ସାମଗ୍ରୀ ବିକ୍ରି ଆରମ୍ଭ ହୋଇଛି। ବୈପାରିଗୁଡା ପଞ୍ଚାୟତ ସୁଲଭ ଦୋକାନରେ ଅବ୍ୟବସ୍ଥା ସମ୍ପର୍କରେପଚାରିବାରୁ ସେ ଏହାର ତଦନ୍ତ କରିବେ ବୋଲି କହିଥିଲେ।

# ବାଇକ୍‌ରେ ଭାରତ ଭ୍ରମଣ କରି ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି ମହାରାଷ୍ଟ୍ର ଯୁବକ

ଜୟପୁର ୨୨।୯ (ନି.ପ୍ର.)

ବେଟି ବଚାଅ ଓ ବେଟି ପଢାଅ, ପରିବେଶ ସଂରକ୍ଷଣର ବାର୍ତ୍ତା ନେଇ ମହାରାଷ୍ଟ୍ରର ସତାରା ଜିଲା ଅନ୍ତର୍ଗତ ବୈଠାରଠାରୁ ୨ ମାସ ତଳୁ ବିକାଶ ଜଗନ୍ନାଥ ସିଂଦେଓ ବାହାରି ସାରା ଦେଶ ଭ୍ରମଣ କରୁଛନ୍ତି । ଗୁରୁବାର ସେ ଓଡ଼ିଶାର କୋରାପୁଟ ଜିଲା ଜୟପୁରରେ ପହଞ୍ଚିଛନ୍ତି । ସେ ଏଠାରେ ପହଞ୍ଚି ବେଟି ବଚାଅ, ବେଟି ପଢାଅ, ପରିବେଶକୁ ବଞ୍ଚାଅ, ଗଛ ଲଗାଇବା, ଜଳ ସଂରକ୍ଷଣ କରିବା, ପଲିଥିନ ବ୍ୟବହାର ନ କିରବା, ହେଲମେଟ ପିନ୍ଧିବା ନେଇ ଲୋକଙ୍କୁ ସଚେତନ କରୁଛନ୍ତି । ସେ ବର୍ତ୍ତମାନ ସୁଦ୍ଧା ଗୁଜରାଟ, ରାଜସ୍ଥାନ, ଦିଲ୍ଲୀ, ହରିୟାଣା, ଜମ୍ମୁକଶ୍ମୀର, ଉତ୍ତରାଖଣ୍ଡ, ୟୁପି, ଝାଡଖଣ୍ଡ, ବିହାର, ଆସାମ, ମଣିପୁର, ନେପାଳ, ଭୁଟାନ, ସିକିମ, ପଶ୍ଚିମବଙ୍ଗ, ଛତିଶଗଡ ଦେଇ ଓଡିଶାରେ ପହଞ୍ଚିଛନ୍ତି। ଓଡିଶା ପରେ ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, କେରଳ, କର୍ଣ୍ଣାଟକ, ଗୋଆ ଦେଇ ମହାରାଷ୍ଟ୍ରରେ ପହଞ୍ଚିବେ। ରାତ୍ର ହୋଇଗଲେ ମନ୍ଦିର, ଧର୍ମଶାଳା, ଗୁରୁଦ୍ୱାରରେ ରାତ୍ର ଯାପନ କରନ୍ତି। ଭ୍ରମଣ ସମୟରେ ବାଂଲାଦେଶ ବର୍ଡର୍, ପାକିସ୍ତାନ ବର୍ଡର, ଚାଇନା ବର୍ଡର, କନ୍ୟାକୁମାରୀରେ ସେ ଜାତୀୟ ପତାକା ଓ ଛତ୍ରପତି ଶିବାଜୀଙ୍କ ପତାକା ଲଗାଉଥିବାର କହିଛନ୍ତି।



ସଚେତନତାର ବାର୍ତ୍ତା ବାଣ୍ଟୁଥିବା ବିକାଶ ଜଗନ୍ନାଥ ସିଂଦେଓ।

# ଗ୍ରାମବାସୀଙ୍କ ସହ ଆଲୋଚନାକଲେ, ପିଲାଙ୍କୁ ପାଠ ପଢ଼ାଇଲେ

**ହଳଦୀକୁଣ୍ଡ ଗ୍ରାମରେ ଜିଲାପାଳ**

ମାଲକାନଗିରି, ୨୨।୯(ଡି.ଏନ.ଏ.)

ମାଲକାନଗିରି ଜିଲା ସାଲିମି ପଞ୍ଚାୟତର ହଳଦୀକୁଣ୍ଡ ଗ୍ରାମକୁ ଜିଲାପାଳ ବିଶାଲ ସିଂ ଗୁରୁବାର ଗସ୍ତ କରି ଗ୍ରାମବାସୀଙ୍କ ସହ ଆଲୋଚନା କରି ଅଜଣା ରୋଗର ସ୍ଥିତି ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ଗ୍ରାମରେ ଲୋକେ ବ୍ୟବହାର କରୁଥିବା ପାଣି ତଦାରଖ କରିଥିଲେ। ଗ୍ରାମବାସୀଙ୍କୁ ଭୟଭୀତ ନ ହେବାକୁ ପରାମର୍ଶ ଦେଇ ସେମାନଙ୍କୁ ସହ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ସେ ସ୍କୁଲକୁ ଯାଇ ପିଲାଙ୍କ ପାଠପଢା ତଦାରଖ କରିବା ସହ ପାଠ ପଢାଇଥିଲେ। କିପରି ପିଲାମାନେ ପ୍ରତିଦିନ ଶିକ୍ଷା ଗ୍ରହଣ କରିବେ ସେନେଇ ମଧ୍ୟ ସଚେତନ କରାଇଥିଲେ। ଜିଲାପାଳଙ୍କ ଗସ୍ତ ପରେ ଗ୍ରାମବାସୀ ଆଶ୍ୱସ୍ତି ଅନୁଭବ କରିଛନ୍ତି। ସୂଚନାଯୋଗ୍ୟ, ହଳଦୀକୁଣ୍ଡ ଗ୍ରାମରେ ଅଜଣା ରୋଗରେ ଆକ୍ରାନ୍ତ ହୋଇ ୮ ଜଣଙ୍କ ମୃତ୍ୟୁ ହୋଇଥବା ବେଳେ ୧୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇ ମେଡିକାଲରେ ଚିକିତ୍ସିତ ହୋଇଥିଲୋ। ଜିଲାପାଳଙ୍କ ସହ ମାଥିଲି ବିଡିଓ ଉପସ୍ଥିତି ଥିଲେ ।



ଜିଲାପାଳ ଗ୍ରାମବାସୀଙ୍କ ସହିତ ଆଲୋଚନା କରୁଛନ୍ତି ।

## ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନା

ଉମରକୋଟ, (ସ୍ୱ.ପ୍ର.)- ଉମରକୋଟ ପୌର ପରିଷଦ ଅଧୀନ ଗୁଳିପାଟଣା ମା ଜଗନୀ ଯୁବଗୋଷ୍ଠୀ ପକ୍ଷରୁ ମାଁ ଗଜଲକ୍ଷ୍ମୀଙ୍କ ପୂଜା ଉପଲକ୍ଷେ ଗୁରୁବାର ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ଅକ୍ଟୋବର ୯ ଅଶ୍ୱିନ ମାସ ଶୁକ୍ଳ ପକ୍ଷ ପୂର୍ଣ୍ଣିମା ତିଥିରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ କରାଯିବ। ଅସ୍ଥାୟୀ ମଣ୍ଡପରେ ୫ଦିନ ଯାଏ ମା'ଙ୍କ ପୂଜା କରାଯିବ ବୋଲି କହିଛନ୍ତି ପୂଜକ ଲକ୍ଷ୍ମୀ ତ୍ରିପାଠୀ ଓ କମିଟି ସଭାପତି ଜିତେନ୍ଦ୍ର ପାଣ୍ଡେ। ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମରେ ମୋହନ ଗୌଡ଼, ଗୁଣଧର କଲାର, କୈଳାସ ମାଝି, କୃଷ୍ଣ ନାୟକ, ଟଙ୍କ ପାଣ୍ଡେ, ରୂପଧର କଲାର, ସୀତାରାମ ପାଣ୍ଡେ, ମକୁନ୍ଦ ଗୌଡ଼, ଟଙ୍କ ମାଝି ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

# ଡିଇଓଙ୍କ କାର୍ଯ୍ୟାଳୟରେ ଝାଡୁ ମାରିଲେ ଶିକ୍ଷକ

ନବରଙ୍ଗପୁର,୨୨।୯(ବି.ପ୍ର.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଭେଣ୍ଡିଆ ଯୁଜି ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗଦିଶ ଗୌଡ଼ଙ୍କୁ ଏଡିଇଓ ରେଶମ ଲାଲ ନାୟକ ସ୍କୁଲରେ ୮ ତାରିଖ ଦିନ ଝାଡୁ କରିବାକୁ କହିବା ସହ ଏହାର ଭିଡିଓ ଉତ୍ତୋଳନ କରି ଭାଇରଲ କରିବାକୁ ନବରଙ୍ଗପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘ (ଅନୁବନ୍ଧିତ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ) ବିରୋଧ କରିଛି। ଏହା ଜଣେ ଶିକ୍ଷକଙ୍କ ଆତ୍ମସମ୍ମାନ ପ୍ରତି କୋଠାରଘାତ। ଶିକ୍ଷକ ସମାଜ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଏହି ଘଟଣା ବ୍ୟଥିତ କରିଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଗୁରୁବାର ଅପରାହ୍ଣରେ ସଂଘ ସଦସ୍ୟମାନେ ଡିଇଓ ଅଫିସ ଓ ରାସ୍ତାରେ ଝାଡୁ ମାରିଥିଲେ। ଡିଇଓ ଅଫିସ ଉପର ମହଲା ପାହାଚରେ ଥିବା ଆବର୍ଜନା, ପାନ ଗୁଟ୍ଖା ଛେପ ସଫା କରିବା ସହ ଏଡିଇଓଙ୍କ ଚାମ୍ବରରେ ଝାଡୁ ମାରି ଚାହା କପି ଓ କାଗଜ ହଟାଇଥିଲେ। ଡିଇଓ ପ୍ରଦୀପ ନାଗ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କ ସହ



ଶିକ୍ଷକମାନେ ଡିଇଓ ଅଫିସ ପାହାଚରେ ଝାଡୁ କରୁଛନ୍ତି।

ଆଲେଚନା କରିବା ସହ କ୍ଷମା ମାଗିଥିଲେ। ତେବେ ଏଡିଇଓ କ୍ଷମା ନ ମାଗିବା ଯାଏ ଶିକ୍ଷକମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଜିଦ୍ ଧରି ବସିଥିଲେ। ସନ୍ଧ୍ୟାରେ ଏଡିଇଓ ନାୟକ ଶିକ୍ଷକମାନଙ୍କୁ କ୍ଷମା ମାଗିବା ପରେ ସେମାନେ ଧାରଣାରୁ ହଟିଥିଲେ।

ଶିକ୍ଷକ ମାନଙ୍କୁ ପ୍ରତିଦିନ ଡାଟା ମଗା ଯାଉଛି। ବିଇଓ କାର୍ଯ୍ୟାଳୟରେ କର୍ମଚାରୀ ଅଛନ୍ତି ସେମାନେ ଡାଟା ଏଣ୍ଟ୍ରି କରନ୍ତୁ ପରେ ଆମକୁ ଅନ୍ୟ ତଥ୍ୟ ମଗାନ୍ତୁ ବୋଲି ସଂଘ ପକ୍ଷରୁ କୁହାଯାଇଥିଲା। ବିଇଓମାନେ ମନଇଛା ଶିକ୍ଷକଙ୍କୁ ଡେପୁଟେଶନ କରୁଛନ୍ତି। ଜିଲାରେ ଶିକ୍ଷକ ଅଭାବ। ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟରେ ଝାଡୁ ମାରିବା,

### ଏଡିଇଓ ଶିକ୍ଷକଙ୍କୁ ଝାଡୁ କରାଇ ଭିଡିଓ ଭାଇରଲ ଘଟଣାର ପ୍ରତିବାଦ

ପାଇଖାନା ସଫା କରିବା, ପରିବେଶ ସଫାସୁତୁରା ରଖିବା, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ବୁଝିବା ସହ ଛାତ୍ରୀ ଛାତ୍ରଙ୍କୁ ପାଠ ପଢ଼ାଉଛନ୍ତି। ଏପରି କ୍ଷେତ୍ରରେ ଜଣେ ଶିକ୍ଷକଙ୍କୁ ଝାଡୁ କରାଇ ଏହାର ଭିଡିଓ ଭାଇରଲ କରାଯିବା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରିଥିଲା ସଂଘ। ଏଡିଇଓ କ୍ଷମା ମଗନ୍ତୁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ଏହିଭଳି ଭୁଲ ଆଉ ହେବ ନାହିଁ ବୋଲି କହି କ୍ଷମା ମାଗିଥିଲେ। ଏଡିଇଓଙ୍କୁ ଡାକିଥିଲେ ମଧ୍ୟ ସେ ଆଲୋଚନାକୁ ଆସିନଥିଲେ। ଜିଲାରେ ଶିକ୍ଷକମାନେ ଠିକ କାମ କରୁଛନ୍ତି ସେଥିରେ କିଛି ଅସୁବିଧା ନାହିଁ। ଯେଉଁଠି ସିଙ୍ଗଲ ଶିକ୍ଷକ ଅଛନ୍ତି, ଅବସର ପରେ ଜିଲାପାଳଙ୍କ ଅନୁମୋଦନ କ୍ରମେ ସେଠାରେ ଅନ୍ୟ ବିଦ୍ୟାଳୟରୁ ଶିକ୍ଷକ ଡେପୁଟେଶନ କରାଯାଉଛି। ଶିକ୍ଷଙ୍କ ସମସ୍ୟା ନେଇ ଆଲୋଚନା କରିବାକୁ ପ୍ରସ୍ତୁତ ବୋଲି ଡିଇଓ କହିଥିଲେ। ଶନିବାର ଦିନ ଶିକ୍ଷକଙ୍କ ସମସ୍ୟା ନେଇ ପ୍ରଶାସନ ପକ୍ଷରୁ ଆଲୋଚନା ହେବ। କିନ୍ତୁ ଏଡିଇଓ କ୍ଷମା ନ ମାଗିବା ଯାଏ ଏଠାରୁ ଯିବୁ ନାହିଁ ବୋଲି କହି ଶିକ୍ଷକ ସଂଘ ସଦସ୍ୟମାନେ ଅଡ଼ି ବସିଥିଲେ। କ୍ଷମା ନମାଗିଲେ ଆଗାମୀ ଦିନରେ ରାଜରାସ୍ତା ଝାଡୁ ମାରି ପ୍ରତିବାଦ କରିବା ସହ କାର୍ଯ୍ୟାଳୟ ଘେରାଉ କରିବୁ ବୋଲି ସଂଘ ଜିଲା ସମ୍ପାଦକ ରମଣୀ ରଞ୍ଜନ ତ୍ରିପାଠୀ ଚେତାବନୀ ଦେଇଥିଲେ। ଏହାପରେ କିନ୍ତୁ ଏଡିଇଓ ଆସି କ୍ଷମା ମାଗିଥିଲେ। ଏହି ସମୟରେ ରାଜ୍ୟ ଉପସଭାପତି ସନତ ପ୍ରହରାଜ, ଜିଲା ସଭାପତି ବିଷ୍ଣୁ ପ୍ରସାଦ ପାଣିଗ୍ରାହୀ, ଜିଲା ସଂଯୋଜିକା ପ୍ରତିମା ଯାଦବ, ସମ୍ପାଦକ ପ୍ରଦୀପ ସୁନା, ନନ୍ଦାହାଣ୍ଡି ସଭାପତି ଗଲତି ଶଗରିଆ, କୋଷାଗୁମୁଡା ବ୍ଲକ ସଭାପତି ଅଞ୍ଜନ ଖରୁଆ, ପାପଡାହାଣ୍ଡି ବ୍ଲକ ସଭାପତି ରତିକାନ୍ତ ପଣ୍ଡାଙ୍କ ସମେତ ଜିଲାର ୧୦ ବ୍ଲକର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିଦେଶୀ ମଦ ବୋଝେଇ ବୋଲେରୋ ଜବତ, ୨ ଗିରଫ

ଚନ୍ଦାହାଣ୍ଡି, ୨୨।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ପୋଲିସ ଏକ ବିଦେଶୀ ମଦ ବୋଝେଇ ବୋଲେରୋକୁ ଜବତ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବିହାର ରାଜ୍ୟ ୱାରଙ୍ଗଲର ସୁନୀଲ କୁମାର ଯାଦବ (୨୫) ଏବଂ ଜିତେନ୍ଦ୍ର କୁମାର ସିଂ (୩୬)। ଚନ୍ଦାହାଣ୍ଡି ଥାନା କେସ ନଂ ୧୧୦ /୨୨ରେ ପୋଲିସ ମାମଲା ରୁଜୁ କରିଛି। ତଦନ୍ତ ଭାର ଏସ୍ଆଇ ଶିବ ପ୍ରସାଦ ମହାନ୍ତିଙ୍କୁ ଦିଆଯାଇଥିବା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଝରିଗାଁରୁ ସୁନୀଲ ଓ ଜିତେନ୍ଦ୍ର ଏକ ବୋଲେରୋ (ଓଆର୍-୨୪ଏ-୯୧୭୪)ରେ ମଦ ନେଇ ଯାଉଥିବା ଖବରପାଇ ଏସ୍ଆଇ ସମୀର ପ୍ରଧାନ, ହାବିଲଦାର ବିଦ୍ୟୁତ କୀର୍ତ୍ତନିଆ, ଝରିଗାଁ ଚନ୍ଦାହାଣ୍ଡି ରାସ୍ତାରେ ଗାଡିକୁ ଜବତ କରି ଥାନାକୁ ଆଣିଥିଲେ। ସେଥିରୁ ୧୦ପେଟି ବିଦେଶୀ ମଦ ମିଳିଛି। ଏହାପରେ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ସଂକ୍ଷେପରେ

### ମାଗଣା ଚକ୍ଷୁ ପରୀକ୍ଷା ଶିବିର



ତେନ୍ତୁଳିଖୁଣ୍ଟି, ୨୨।୯(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡାସ୍ଥିତ ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନାରେ ପ୍ରଥମ ଥର ପାଇଁ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲା ଜୁନାଗଡ଼ସ୍ଥିତ ଲେପ୍ରା ସୋସାଇଟି ସୌଜନ୍ୟରେ ଆୟୋଜିତ ଏହି ଶିବିରରେ ୫୪ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ୧୯ ଜଣଙ୍କ ଚକ୍ଷୁ ଅସ୍ତ୍ରୋପଚାରର ଆବଶ୍ୟକତା ରହିଛି। ସେମାନଙ୍କୁ ଜୁନାଗଡ଼ ଚକ୍ଷୁ ଚିକିତ୍ସାଳୟକୁ ପଠାଯିବ। ସମସ୍ତ ଖର୍ଚ୍ଚ ଲେପ୍ରା ସୋସାଇଟି ବହନ କରିବ। ଡାକ୍ତର କିନୁଚରଣ ଭର୍ତ୍ତିଆ ଚକ୍ଷୁ ପରୀକ୍ଷା କରିଥିଲେ।

### ରାଇଘର ବ୍ଲକରେ ମାଓବାଦୀ ପୋଷ୍ଟର

ରାଇଘର, ୨୨।୯ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଓ ଖିଲୋଲୀ ପଞ୍ଚାୟତ ଅଞ୍ଚଳର ବିଭିନ୍ନ ସ୍ଥାନରେ ମାଓବାଦୀ ପୋଷ୍ଟର ଲଗାଯାଇଛି। ମାଓବାଦୀମାନେ ସେମାନଙ୍କ ୧୮ତମ ସ୍ଥାପନା ଦିବସକୁ ଆଡ଼ମ୍ବର ସହ ପାଳନ କରିବାକୁ ଆହ୍ୱାନ କରିଛନ୍ତି। ଚଳିତ ୨୧ରୁ ୨୭ ତାରିଖ ପର୍ଯ୍ୟନ୍ତ ମାଓବାଦୀଙ୍କ ୧୮ତମ ସ୍ଥାପନା ଦିବସ ପାଳନ କରିବାକୁ ପୋଷ୍ଟରରେ ଉଲ୍ଲେଖ ରହିଛି। ମାଓବାଦୀ ସଂଗଠନର ମୁଖ୍ୟ ସଂସ୍ଥାପକ ଚାରୁ ମଜୁମଦାର ଓ କହ୍ନାଇ ଚାଟାର୍ଜୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସମସ୍ତେ କାମନା କରିବା ସହ ସଂଗଠନକୁ ମଜଭୁତ କରିବା ପାଇଁ ଉକ୍ତ ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ଏଥିସହିତ ଏହି ପୋଷ୍ଟର ମାଧ୍ୟମରେ ଜମି, ଜଳ ଓ ଜଙ୍ଗଲକୁ ଗୁରୁତ୍ୱ ଦେବା ସହିତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ)କୁ ରକ୍ଷା କରିବା ସହିତ ପି.ଏଲ.ଜି.ଏ ରେ ଯୋଗ ହେବାକୁ ଆହ୍ୱାନ କରାଯାଇଛି।

### ସିଆର୍‌ସିସିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଚନ୍ଦାହାଣ୍ଡି, ୨୨।୯(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସନ୍ଧିମୁଣ୍ଡା କ୍ଲଷ୍ଟରର ପୂର୍ବତନ ସିଆରସିସି ପ୍ରେମଚାନ୍ଦ ବିଶିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବାବୁରିଆ ପିୟୁପିଏସ୍ ପ୍ରଧାନଶିକ୍ଷକ ଲିମୁଚରଣ ଶିରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା



ସଭାରେ ମୁଖ୍ୟଅତିଥି ଭାବେ ସିଆରସିସି ପ୍ରେମଚାନ୍ଦ ବିଶି ଓ ସମ୍ମାନିତ ଅତିଥିଭାବେ ନୂତନ ସିଆରସିସି ବୀରବର ପଣ୍ଡା ଯୋଗଦେଇଥିଲେ। ବୈଠକରେ ସିଆରସିସି ବିଶିଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଏହାପରେ ନୂତନ ସିଆରସିସି ପଣ୍ଡାଙ୍କୁ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଜଗଦୀଶ ମେହେର, ହିମାଂଶୁ ଶେଖର ସୁନାନୀ, ରତନ ଜଗତ, ଲୋକନାଥ ଜଗତ, ପୁରନ ସିଂ ନିଆଲ, ନାରାୟଣ ରଥ, ରୋହିତ କୁମାର ଜେନା, ପରମାନନ୍ଦ ନାଗ, ଯୁଧିଷ୍ଠିର ବଞ୍ଜରା, ଇନ୍ଦ୍ରମୋହନ କେଉଟ, ପୁରସ୍ତମ ମାଝି ଓ ପକ୍ଷୀରାଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଡାବୁଗାଁରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଡାବୁଗାଁ, ୨୨।୯ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଘୋଡାଖୁଣ୍ଟା ପଞ୍ଚାୟତ ସଦର ମହକୁମାରେ ବ୍ଲକ ପରିମଳ ମିଶନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଛି। ପ୍ରଥମେ ଘୋଡାଖୁଣ୍ଟା ବିଦ୍ୟାଳୟ ପରିସରକୁ ସଫା କରାଯାଇଥିଲା। ପରେ ଘୋଡାଖୁଣ୍ଟା ପଞ୍ଚାୟତ ପରିସର ଓ ମୁଖ୍ୟ ରାସ୍ତା କଡ ଡ୍ରେନ ସଫା କରାଯାଇଥିଲା। ପ୍ଲାଷ୍ଟିକ ବ୍ୟବହାର ରୋକିବା, ପାଇଖାନା ବ୍ୟବହାର କରି ପରିବେଶକୁ ସ୍ୱଚ୍ଛ ରଖିବା ବାର୍ତ୍ତା ଦେଇ ଏକ ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ଜୋନ-୧ ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା, ରିସର୍ଚ୍ଚ କୋଅର୍ଡ଼ିନେଟର ମାନସ ମୁଖାର୍ଜୀ, ଘୋଡାଖୁଣ୍ଟା ସରପଞ୍ଚ ଲୀଳା ଦେଇ ମାଝି, ଘୋଡାଖୁଣ୍ଟା ପଞ୍ଚାୟତ ନିର୍ବାହୀ ଅଧିକାରୀ ପରଶୁରାମ ମାଲୀ, ସିଡିପିଓ ଗୀତାଞ୍ଜଳି ମହାରଣା, ଘୋଡାଖୁଣ୍ଟା ସ୍କୁଲ ଛାତ୍ରୀଛାତ୍ର ଓ ଶିକ୍ଷକ, ମାଷ୍ଟର ଟ୍ରେନର ଧନିରାମ ହରିଜନ, ଅଙ୍ଗନୱାଡି କର୍ମୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସ୍ଥାୟୀ ରଙ୍ଗମଞ୍ଚ ନିର୍ମାଣ ପାଇଁ ସ୍ଥାନ ନିରୂପଣ

ନବରଙ୍ଗପୁର,୨୨।୯(ବି.ପ୍ର.)

ନବରଙ୍ଗପୁର କଲେଜ ସ୍ୱର୍ଣ୍ଣ ଜୟନ୍ତୀ ପାଳନ ପାଇଁ ବିଭିନ୍ନ ପ୍ରକ୍ରିୟା ଆରମ୍ଭ ହୋଇଛି। କଲେଜ ପରିସରରେ ଏକ ନୂତନ ସ୍ଥାୟୀ ରଙ୍ଗମଞ୍ଚ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରାଯାଇଛି। କଲେଜ ଗଭର୍ଣ୍ଣିଂ ବଡ଼ି ପ୍ରେସିଡେଣ୍ଟ ତଥା ଏଡିଏମ୍ ଭାସ୍କର ରଇତ, ପିଡବ୍ଲ୍ୟୁଡି ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ପି. କେ. ମିଶ୍ର, ଯନ୍ତ୍ରୀ ପଣ୍ଡା ବାବୁ , କଲେଜ ଅଧ୍ୟକ୍ଷ ଭାସ୍କର ନାଥ ବିଶ୍ୱାଳ, ଆଲୁମ୍ନି ଆସୋସିଏଶନ ଆବାହକ ତଥା ଅଧ୍ୟକ୍ଷ ଗଣେଶ ଦାସ, ସହ ଆବାହକ ସଙ୍ଗୀତା ତ୍ରିପାଠୀ, ଉପସଭାପତି ପ୍ରଭାକର ପାତ୍ର, ସହ ସମ୍ପାଦକ ଦେବଦାସ ମହାକୁଡ, ଆଇନ ପରାମର୍ଶଦାତା ରାମ ପ୍ରସାଦ ପାତ୍ର, ସମରେଶ ଗନ୍ତାୟତ, ସଭ୍ୟ କିଶୋର ପଟ୍ଟନାୟକ, ଶିବଶଙ୍କର ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବାଙ୍କବିହାରୀ ବିଶୋୟୀ, ସ୍ୱର୍ଣ୍ଣଲତା ପଟ୍ଟନାୟକ, ଅଧ୍ୟାପକ ଦିଲ୍ଲୀପ ହୋତାଙ୍କ ସମେତ କଲେଜ କର୍ତ୍ତୃପକ୍ଷ ପ୍ରମୁଖ ଉପସ୍ଥିତ ରହି ସ୍ଥାନ ନିରୂପଣ କରିଥିଲେ। ପ୍ରିନ୍ସିପାଲଙ୍କ କାର୍ଯ୍ୟାଳୟ ନିକଟରେ ଥିବା ଖାଲି ସ୍ଥାନରେ ଏକ ୧୫୦୦ ବର୍ଗଫୁଟ ପରିମିତ ଓ ସାଢ଼େ ତିନି ଫୁଟ ଉଚ୍ଚର ଏକ ସ୍ଥାୟୀ ରଙ୍ଗମଞ୍ଚ କରିବାକୁ ସ୍ଥିର ହୋଇଛି। ଏହା ପୂର୍ବରୁ ମିଶନ ଶକ୍ତି ସଭା ଗୃହରେ ଆଲୁମନି କମିଟି ଚେୟାରମ୍ୟାନ ତଥା ଜିଲାପାଳ ଡ. କମଳଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟିର ଉପଦେଷ୍ଟାମାନେ ଯଥା ଏମ୍‌ପି ରମେଶ ଚନ୍ଦ୍ର ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି , ଜିଲାପରିଷଦ ଅଧ୍ୟକ୍ଷ ମୋତିରମ ନାୟକ, ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ, ଏଡିଏମ୍ ଭାସ୍କର ରଇତ, ଜିଲାପରିଷଦ କାର୍ଯ୍ୟ ନିର୍ବାହୀ ଉନ୍ନୟନ ଅଧିକାରୀ ରତ୍ନାକର ସାହୁ , ତ୍ରିପତି ବାଲାଜି ସାହୁ, ଆଲୁମ୍ନି କମିଟି କାର୍ଯ୍ୟକାରୀ ସଦସ୍ୟ ଯୋଗ ଦେଇ ଉତ୍ସବ ସମ୍ପର୍କରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଅତିଥିଙ୍କ ସ୍ୱୀକୃତି ପ୍ରଦାନ ପରେ ତାରିଖ ଚୂଡାନ୍ତ କରାଯିବ ବୋଲି ଆବାହକ ଗଣେଶ ଦାଶ ସୂଚନା ଦେଇଛନ୍ତି।



ରଙ୍ଗମଞ୍ଚ ପାଇଁ ଜାଗା ଦେଖିବାକୁ ଆସିଥିବା ପ୍ରତିନିଧି ଦଳ ।

## ଅବକାରୀ ଚଢାଉ, ୯ ଗିରଫ

ଉମରକୋଟ, ୨୨।୯(ସ୍ୱ.ପ୍ର.)

ଉମରକୋଟ ବ୍ଲକର ବିଭିନ୍ନ ଅଞ୍ଚଳରେ ଅବକାରୀ ବିଭାଗ ଓ ସ୍ଥାନୀୟ ପୋଲିସର ମିଳିତ ଚଢାଉରେ ବେଆଇନ ମଦ କାରବାରରେ ସଂପୃକ୍ତ ୯ଜଣଙ୍କୁ ଗିରଫ କରାଯାଇଛି। ୨୦୦ ଲିଟର ଦେଶୀ ମଦ ଜବତ କରିବା ସହ ୩ ହଜାର ଲିଟର ମହୁଲ ପୋଚନଷ୍ଟ କରାଯାଇଛି। ଉମରକୋଟ ଅତିରିକ୍ତ ତହସିଲଦାର ଉମେଶ ପୂଜାରୀଙ୍କ ଉପସ୍ଥିତିରେ ଅବକାରୀ ନିରୀକ୍ଷକ ହରିହର ସିଂଙ୍କ ନେତୃତ୍ୱରେ ଉମରକୋଟ ଥାନା ସବ ଇନ୍ସପେକ୍ଟର ଖଗେଶ୍ୱର ଖୋସଲା, ଉମରକୋଟ ଅବକାରୀ ଥାନା ଭାରପ୍ରାପ୍ତ ଅବକାରୀ ମନୁ ଆୟାଲ, ଡାବୁଗାଁ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ବିଜୟ ଭୂଷଣ ନାୟକ, ରାଇଘର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସୁଜିତ କୁମାର ନାଗ, ଦେବାଶିଷ ଦାସ, ଜ୍ୟୋତ୍ସ୍ନା ହରିଜନ, ସୁରେନ୍ଦ୍ର ପଣ୍ଡା, ସୁବାଷ ଗୌଡ, ରାଜୁ ମୁଦୁଲି, କାଳୀମଣି ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ।

## ନିର୍ବାଚନରେ ସ୍ୱଚ୍ଛତା ଲକ୍ଷ୍ୟରେ ବୁଲୁଛି ଭୋଟର ସଚେତନତା ରଥ



ଅତିଥିମାନେ ପତାକା ଦେଖାଇ ରଥର ଶୁଭାରମ୍ଭ କରୁଛନ୍ତି।

ଉମରକୋଟ, ୨୨।୯(ସ୍ୱ.ପ୍ର.)

ଉମରକୋଟ ପୌର ପରିଷଦ ଓ ବ୍ଲକ ର ମିଳିତ ଆନୁକୁଲ୍ୟରେ ଏକ ଭୋଟର ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି ରଥ ୧୪ଟି ୱାର୍ଡରେ ଯାଇ ସଚେତନ କରିବ। ସଚେତନତା ରଥକୁ ନବରଙ୍ଗପୁର ଉପଜିଲାପାଳ ପ୍ରଶାନ୍ତ ରାଉତ, ପୌରାଧ୍ୟକ୍ଷା ରାଧା ଭତ୍ରା, ଉପାଧ୍ୟକ୍ଷ ସୁଧାଂଶୁ ଦାସ, ବିଡିଓ ଡା. ହିମାଞ୍ଚଳ ମାଝି, ତହସିଲଦାର ଏନ୍. ଜଗଜ୍ଜୀବନ ଚୌଧୁରୀ, ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି, ଉମରକୋଟ ଥାନାଧିକାରୀ ଦୀପକ ଜେନା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଭାରତର ଗଣତନ୍ତ୍ରକୁ ସୁଦୃଢ଼ ତଥା ନିର୍ବାଚନରେ ସ୍ୱଚ୍ଛତା ଆଣିବା ଉଦ୍ଦେଶ୍ୟରେ ଏକକ ଭୋଟର ତାଲିକାର ପରିକଳ୍ପନା ବାବଦରେ ମତଦାତାଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ପହଞ୍ଚାଇବ ଏହି ଭୋଟର ସଚେତନତା ରଥ। ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ସଂଯୋଗ, ୧୮ ବର୍ଷ ହେବା ମାତ୍ରେ ଯେପରି ସମସ୍ତେ ଭୋଟ ଦେବେ ଏ ଦିଗରେ ସଚେତନ କରାଯାଉଛି ବୋଲି ଉପଜିଲାପାଳ କହିଛନ୍ତି। ଆଧାର କାର୍ଡ ସହ ଭୋଟର ପରିଚୟ ପତ୍ର ଲିଙ୍କ କରିବାରେ ନବରଙ୍ଗପୁର ଜିଲା ପୁରା ରାଜ୍ୟରେ ପ୍ରଥମରେ ଅଛି ବୋଲି ଅଧିକାରୀମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପୌର ପରିଷଦର ସମସ୍ତ କାଉନ୍‌ସିଲର, ପୌରାଞ୍ଚଳର ଶିକ୍ଷୟିତ୍ରୀ ଶିକ୍ଷକ, କଲେଜ ଛାତ୍ରୀଛାତ୍ର, ଏସ୍‌ଏଚ୍‌ଜି ମହିଳା, ସାମାଜିକ କର୍ମୀ, ସଦସ୍ୟା ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।

## ୫୧୬ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଚନ୍ଦାହାଣ୍ଡି, ୨୨।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାନାବେଡ଼ା ଡିଗ୍ରୀ ମହାବିଦ୍ୟାଳୟରେ ଜିଲା ଓ ବ୍ଲକ ପ୍ରଶାସନ ତଥା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଝରିଗାଁ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୂଜାରୀ, ଏମ୍‌ପିଙ୍କ ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢ଼ୀ, ଜୋନ-୧ ଜିଲା ପରିଷଦ ସଭ୍ୟା ବର୍ଷାରାଣୀ ପଟେଲ, ଜୋନ-୨ ଜିଲା ପରିଷଦ କେତକୀମଲି ଗୌଡ଼ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ବିଡିଓ ଧର୍ମରାଜ ମାଝିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ଭିନ୍ନକ୍ଷମ ଓ ପୁନର୍ବାସ ଅଧିକାରୀ, ସହଯୋଗୀ ଜ୍ୟୋତିର୍ମୟ ବେହେରା ଓ ଜଳେଶ୍ୱର ପାତ୍ର ଶିବିର ତଦାରଖ କରିଥିଲେ । ମୋଟ ୫୧୬ ଦିବ୍ୟାଙ୍ଗ ପଞ୍ଜୀକରଣ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଶିଶୁରୋଗ ବିଶେଷଜ୍ଞ ଡା. ସନ୍ତୋଷ ପଣ୍ଡା, ଭେଷଜ ବିଶେଷଜ୍ଞ ଡା. ସୁନୀଲ ଭତ୍ରା, ଚକ୍ଷୁରୋଗ ବିଶେଷଜ୍ଞ ଡା. ଦେବାଶିଷ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଅଶୋକ ମହାପାତ୍ର, ଡା. ସୁକାନ୍ତ ଷଡ଼ଙ୍ଗୀ, ଡା. ବିଭୁଦତ୍ତ ସେଠୀ, ଡା. ଶିବ ପ୍ରସାଦ ଷଡ଼ଙ୍ଗୀ, ଡା. ନବଘନ ସେଠୀ, ଡା. ଘନଶ୍ୟାମ ବେହେରା, ବାକ୍ ଓ ଶ୍ରବଣ ବିଭାଗ ଡା. ସଲାମ ମଲିକ ଦିବ୍ୟାଙ୍ଗ ପରୀକ୍ଷା କରିଥିଲେ। ଭାରପ୍ରାପ୍ତ ବିଏସ୍‌ଏସ୍‌ଓ ପ୍ରକାଶ ଢାଲି, ଜିପିଇଓ ସୂର୍ଯ୍ୟ ଭତ୍ରା, ଡା. ସନ୍ଦୀପ ଶତପଥୀ, ସିଡିପିଓ ସୈରେନ୍ଦ୍ରି ମହାନନ୍ଦ, ଏବିଇଓ ପ୍ରେମଚାନ୍ଦ ସିଂ ଧୁରୁଆ, ସହକାରୀ ଯନ୍ତ୍ରୀ ଥୟକୁମାର ପଟେଲ, ବିପିସି ଗଣେଶ ଚୌଧୁରୀ, ସମିତିସଭ୍ୟ ପୂର୍ଣ୍ଣଚନ୍ଦ୍ର ସୋରି, ସନ୍ତୋଷ ପଟ୍ଟନାୟକ, ସରପଞ୍ଚ ଜଳନ୍ଧର ମାଝୀ, ଦୁର୍ଲଭ ପୂଜାରୀ, କୃଷ୍ଣ ଜାନି ପ୍ରମୁଖଙ୍କ ସହ ବ୍ଲକର ସମସ୍ତ ପିଇଓ, କନିଷ୍ଠ ଯନ୍ତ୍ରୀ, ବିଏଫ୍‌ଟି, ଜିଆରଏସ୍, ଯୋଗାଣ ସହାୟକ, ଲାବଣ୍ୟ ମାଝି ଯୁବକ ସଙ୍ଘର କର୍ମକର୍ତ୍ତା, କଲେଜ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଆସିଥିବା ଜଣେ ଦିବ୍ୟାଙ୍ଗ ମହିଳା।

## ତେନ୍ତୁଳିଖୁଣ୍ଟିରେ ଗଡ଼ିଲା ସ୍ୱଚ୍ଛତା ରଥ

ତେନ୍ତୁଳିଖୁଣ୍ଟି, ୨୨।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ସ୍ୱଚ୍ଛତା ରଥକୁ ବ୍ଲକ ଅଧ୍ୟକ୍ଷା ନିଳେନ୍ଦ୍ରୀ ନାୟକ ଶୁଭାରମ୍ଭ କରିଛନ୍ତି। ଜିଲା ଜଳଯୋଗାଣ ଓ ପରିମଳ ବିଭାଗ ଦ୍ୱାରା ପରିଚାଳିତ ଏହି ରଥ ପରିବେଶ ସ୍ୱଚ୍ଛ ରଖିବାର ବାର୍ତ୍ତା ପ୍ରଚାର କରୁଛି। ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବିଭିନ୍ନସ୍ତରରେ କାର୍ଯ୍ୟକ୍ରମ ହାତକୁ ନେବାକୁ ବାର୍ତ୍ତା ଦିଆ ଯାଉଛି। ପଞ୍ଚାୟତ ପ୍ରତିନିଧି, ବ୍ଲକ କର୍ମଚାରୀ ଓ ସ୍ଥାନୀୟ ଲୋକେ ପଞ୍ଚାୟତ ସମିତି କାର୍ଯ୍ୟାଳୟରୁ ତହସିଲ ଅଫିସ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ସଫା କରିଥିଲେ। କାର୍ଯ୍ୟକ୍ରମରେ ବିଡ଼ିଓ ଦୁର୍ଯ୍ୟୋଧନ ଭୋଇ, ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ସମିତି ସଭ୍ୟ ଦିଲିପ ପ୍ରଧାନୀ ଓ ସରପଞ୍ଚ, ସମିତି ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ। ଏହି ରଥ ବ୍ଲକର ସମସ୍ତ ପଞ୍ଚାୟତରେ ବୁଲି ସ୍ୱଚ୍ଛତା ବାର୍ତ୍ତା ଦେବ।

## କୃଷକ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ଡାବୁଗାଁ, ୨୨।୯ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କୃଷି ବିଭାଗ ପକ୍ଷରୁ ୩ ଦିନ ଧରି ଚାଲିଥିବା କୃଷକ ଓଡିଶା ସଚେତନତା କାର୍ଯ୍ୟକ୍ରମ ବୁଧବାର ଶେଷ ହୋଇଛି। କୃଷି ରଥ ପ୍ରଚାର କରିବା ସହ କୃଷି ଅଧିକାରୀମାନେ ବ୍ଲକ ଅଧୀନ ସମସ୍ତ ପଞ୍ଚାୟତ ଓ ବିଭିନ୍ନ ଗ୍ରାମକୁ ଯାଇ ଜନସାଧାରଣଙ୍କୁ ସଚେତନ କରିଥିଲେ। ଚାଷୀମାନେ ନିକଟସ୍ଥ ମୋ ସେବା କେନ୍ଦ୍ରକୁ ଯାଇ ମାଗଣାରେ କୃଷକ ଓଡିଶା ପୋର୍ଟାଲରେ ନାମ ପଞ୍ଜୀକରଣ କରିପାରିବେ ବୋଲି ସଚେତନ କରାଯାଇଛି। ନାମ ପଞ୍ଜୀକରଣ ଶେଷ ତାରିଖ ୩୧ ଅକ୍ଟୋବର ରହିଛି। ଏହି କୃଷକ ଓଡିଶା ପୋର୍ଟାଲରେ ନାମ ପଞ୍ଜୀକରଣ ସହିତ ନିଜର ଜମିଜମା ସମ୍ପର୍କିତ ସମସ୍ତ ତଥ୍ୟ ଅପଲୋଡ କରି କୃଷି, ପନିପରିବା, ଫଳ ଓ ଫୁଲ ଚାଷ, ମତ୍ସ୍ୟ ଚାଷ ଏବଂ ପ୍ରାଣୀଧନ ପାଳନ ସମ୍ବନ୍ଧୀୟ ବିଭିନ୍ନ ଯୋଜନାର ସୁଯୋଗ ନେବା ପାଇଁ ସଚେତନ କରାଯାଇଥିଲା। ଏହାସହ କେନ୍ଦ୍ର ସରକାରଙ୍କ ପିଏମ୍ କିଷାନ ହିତାଧିକାରୀମାନେ ନିକଟସ୍ଥ ଜନସେବା କେନ୍ଦ୍ରକୁ ଯାଇ ଇ-କେୱାଇସି ଏବଂ ଜମିଜମାର ତଥ୍ୟ କୃଷକ ଓଡିଶା ପୋର୍ଟାଲରେ ଅପ୍‌ଲୋଡ କରିବା ପାଇଁ ସଚେତନ କରାଯାଇଥିଲା। ଏଥିରେ ଡାବୁଗାଁ ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ବିଶ୍ୱାସ, ସମସ୍ତ କୃଷି ଅଧିଦର୍ଶକ ମମତା ସାହୁ, ନୀଳକଣ୍ଠ ପଣ୍ଡା, କିଶୋରଚନ୍ଦ୍ର ନାୟକ, ସୁଧାଂଶୁ କୁମାର ବରାଡ, ଗ୍ରାମ୍ୟ କୃଷି କର୍ମଚାରୀ ସୁଶାନ୍ତ କୁମାର ରାଉତ, ବ୍ଲକ ବୈଷୟିକ ପରିଚାଳକ ସୁରେନ୍ଦ୍ର ସିଂକୌରବ, ସହକାରୀ ବୈଷୟିକ ପରିଚାଳକ କେ. ଉଦୟା କୁମାରୀ, ସମସ୍ତ କୃଷକ ସାଥୀ ପ୍ରମୁଖ ସାମିଲ ଥିଲେ।

## ବରଗଡ଼କୁ ହରାଇ କେରଳ ଚାମ୍ପିୟନ

ରାଇଘର,୨୨।୯(ଡି.ଏନ୍.ଏ.)

### ଏସ୍.ଏସ୍. ଶାହା ଆନ୍ତଃରାଜ୍ୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଛତାବେଢ଼ାରେ ଚାଲିଥିବା ୨ ଦିନିଆ ଆନ୍ତଃରାଜ୍ୟ ଏସ୍.ଏସ୍ ଶାହା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୧୦ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ କେରଳ ଏବଂ ବରଗଡ଼ ମଧ୍ୟରେ ହୋଇଥିଲା। କେରଳ ଟିମ୍ ବରଗଡ଼କୁ ୨/୧ ଗୋଲରେ ହରାଇଛି। ବିଜୟୀ ଟିମ୍‌କୁ ୨୫,୦୦୦ ଏବଂ ରନର୍ସ ଅପ୍ ଟିମ୍‌କୁ ୧୫,୦୦୦ ହଜାର ଟଙ୍କା ପୁରସ୍କାର ଦିଆଯାଇଛି। ଉଦ୍‌ଯାପନୀ ମ୍ୟାଚରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ରାଇଘର ବ୍ଲକ ଅଧ୍ୟକ୍ଷା ନବୀନା ନାୟକ, ପୂର୍ବତନ ଉମରକୋଟ ବିଧାୟକ ସୁବାସ ଗଣ୍ଡ, ଜିଲା ପରିଷଦ ଜୋନ୍-୧ ସଦସ୍ୟ ଯତୀନ୍ଦ୍ର ଗଣ୍ଡ, ଜୋନ୍-୨ ସଦସ୍ୟ ନାନାର ରାଓ ଖରା, ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।



ଟ୍ରଫି ସହ ବିଜୟୀ ଦଳର ଖେଳାଳିମାନେ ।

## ବନ ସୁରକ୍ଷା ସମିତିକୁ ବେଆଇନ ଘୋଷଣା ଦାବି

ନବରଙ୍ଗପୁର, ୨୨।୯ (ବି.ପ୍ର.)

ଜଙ୍ଗଲ ଅଧିକାର କମିଟି ମହାସଂଘ ନବରଙ୍ଗପୁର ଜିଲା ଶାଖା ପକ୍ଷରୁ ଗୁରୁବାର ସ୍ଥାନୀୟ ଚାମୁରିଆଗୁଡାରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପହଞ୍ଚିବା ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ୧୦ଦଫା ଦାବିପତ୍ର ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ପ୍ରଦାନ କରାଯାଇଛି। ବନ ସୁରକ୍ଷା ସମିତକୁ ଫସଲ ନଷ୍ଟ କରିବା ଓ ଜମିକୁ ଛଡାଇ ନେଇ ଗଣ୍ଡଗୋଳ କରାଯିବା ଭଳି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ଆଦେଶ ପ୍ରଦାନ, ବନ ସୁରକ୍ଷା ସମିତିକୁ ବେଆଇନ ଘୋଷଣା କରିବାକୁ ଦାବି ହୋଇଛି।

ପିଏ ଆଇଟିଡିଏଙ୍କ ଦ୍ୱାରା ଉମରକୋଟ ବ୍ଲକ ଅଧୀନ କପସାଭଟ୍ଟା, ସାରିଆଭଟ୍ଟା, ଲକଟିପକନା, ସେମଲଧରା ଗାଁରେ ସ୍ୱତନ୍ତ୍ର ଗ୍ରାମ୍ୟ ଜଙ୍ଗଲ ଅଧିକାର କମିଟି ଗଠନ ନିମନ୍ତେ ଉମରକୋଟ ବିଡିଓଙ୍କୁ ୨୨ ତାରିଖରେ ୨୦ଦିନ ମଧ୍ୟରେ ପଦକ୍ଷେପ ନେବା ପାଇଁ ଏକ ନିର୍ଦ୍ଦେଶ ପତ୍ର ଜାରି କରାଯାଇଥିଲା। ତାହା କିନ୍ତୁ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇ ପାରିନାହିଁ। ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ସଂଶୋଧିତ ଆଇନ ୨୦୧୨ ଅନୁଯାୟୀ ପତା ଗ୍ରାମ, ଜଙ୍ଗଲ ଗ୍ରାମ ଓ ଅଣସର୍ଭେ ଗ୍ରାମରେ ଗ୍ରାମ୍ୟ ଜଙ୍ଗଲ ଅଧିକାର କମିଟି ଗଠନ, ୨୦୦୫ ଡିସେମ୍ବର ୧୩ ପୂର୍ବରୁ ସମସ୍ତ ଦଖଲ ଜଙ୍ଗଲ ଜମିର ପଟ୍ଟା ସଠିକ ପରିମାଣର ସର୍ଭେ କରାଯାଇ ଆଦିବାସୀ, ଅଣ ଆଦିବାସୀ ଓ ପାରମ୍ପରିକ ଆଦିବାସୀଙ୍କ ଯଥାଶୀଘ୍ର ପଟ୍ଟା ପ୍ରଦାନ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ହୋଇଛି। ଜଙ୍ଗଲକୁ ସୁରକ୍ଷା ଦେଇ ଆସୁଥିବା ଗ୍ରାମବାସୀଙ୍କୁ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଗୋଷ୍ଠୀ ଜଙ୍ଗଲ ଅଧିକାର ପ୍ରଦାନ, ଗ୍ରାମସଭାରେ ସମାଧାନ ହୋଇପାରୁ ନ ଥିବା ବନ ସୁରକ୍ଷା ସମିତି ଦ୍ୱାରା ଗଣ୍ଡଗୋଳ କରାଯାଉଥିବା ଜଙ୍ଗଲ ଜମିର ତଦାରଖ କରି ଡ଼ିଏଲ୍‌ସି ଦ୍ୱାରା ବ୍ୟକ୍ତିଗତ ଜଙ୍ଗଲ ଜମିର ଅଧିକାର ପ୍ରଦାନ କରିବାକୁ ଦାବି ହୋଇଛି। ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା, ଗ୍ରାମ ସଭା ଦ୍ୱାରା ତଦନ୍ତ କରାଯାଇ ଦଖଲ ଜଙ୍ଗଲ ଜମିର ସଠିକ ପରିମାଣର ଜମି ପଟ୍ଟା ପ୍ରଦାନ, ପାରମ୍ପରିକ ବନବାସୀଙ୍କୁ ପଟ୍ଟା ପ୍ରଦାନ ଦାବି ହୋଇଛି। ଜଙ୍ଗଲ ଜମି ପଟ୍ଟା ପାଇଥିବା ହିତାଧିକାରୀଙ୍କ ଖଜଣା ପୈଠ ନିମନ୍ତେ ପଦକ୍ଷେପ, ଜଙ୍ଗଲ ଜମି ପଟ୍ଟା ପାଇଥିବା ଚାଷୀଙ୍କୁ ଚାଷ ଋଣ , ଜମି ମରାମତି , ବାସଗୃହ , ନଳକୂପ ଯୋଗାଇ ଦେବାକୁ ଦାବି ହୋଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜଙ୍ଗଲ ଅଧିକାର କମିଟି ମହାସଂଘ ଜିଲା ସମ୍ପାଦକ ରାଜେଶ ଜାନୀଙ୍କ ସମେତ ମହାସଂଘ ଶତାଧିକ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।



ଜଙ୍ଗଲ ଅଧିକାର କମିଟି ମହାସଂଘ ସଦସ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

